# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 12 February - 2026

## ବଜେଟ୍ ଅଧିବେଶନ

ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେଉଛି। ଏହାପୂର୍ବରୁ ଆସନ୍ତା ୧୬ ତାରିଖରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିବ। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ରହିବେ । ଚଳିତ ବଜେଟ୍ ଅଧିବେଶନରେ ୨୯ଟି କାର୍ଯ୍ୟଦିବସ ରହିଛି । ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ ।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

ରାଜ୍ୟ ସରକାର ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ନବରଙ୍ଗପୁରଠାରେ ଏହି ଯୋଜନାର ଶୁଭାରମ୍ଭ କରିବେ । ଯୋଜନାରେ ବିଭିନ୍ନ ଜିଲ୍ଲାରୁ ୫୦୦ଜଣ ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା କରାଯିବ । ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

୬୦ରୁ ୭୫ବର୍ଷ ବୟସ୍କ ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇପାରିବେ ।

## ବୋର୍ଡ ପରୀକ୍ଷା-ଡିଜିଟାଲ ମୂଲ୍ୟାଙ୍କନ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସିବିଏସ୍‌ଇ ପକ୍ଷରୁ ୨୦୨୬-୨୭ ଦ୍ୱାଦଶ ବୋର୍ଡ ପରୀକ୍ଷା ଉତ୍ତର ଖାତାର ଡିଜିଟାଲ ମୂଲ୍ୟାଙ୍କନ କରାଯିବ । ନୂତନ ପ୍ରଣାଳୀ ଦ୍ୱାରା ମୂଲ୍ୟାଙ୍କନରେ ସ୍ୱଚ୍ଛତା ଏବଂ ସଠିକତା ଆସିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ।

## ସାଇବର ଠକେଇ

ରାଜ୍ୟରେ ସାଇବର ଠକେଇ ଓ ଅର୍ଥନୈତିକ ଅପରାଧକୁ ରୋକିବା ପାଇଁ କ୍ରାଇମ୍ ବ୍ରାଞ୍ଚର ତତ୍ତ୍ୱାବଧାନରେ ଆସନ୍ତା ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ । ଏହି ପରିପ୍ରେକ୍ଷିରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ୨୦ଟି ପୁଲିସ ଜିଲ୍ଲାରେ ନୂତନ ସାଇବର ଥାନା ସ୍ଥାପନ ପାଇଁ ଅନୁମୋଦନ ମିଳିଛି । ଖୁବ୍‌ଶୀଘ୍ର ଥାନାଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ ବୋଲି ବୈଠକରୁ ଜଣାପଡିଛି ।

# ମାଓମୁକ୍ତ ଓଡ଼ିଶା

କନ୍ଧମାଳ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲା ବର୍ତ୍ତମାନ ମାଓବାଦୀମୁକ୍ତ ରହିଥିବା ଦକ୍ଷିଣାଞ୍ଚଳ ଡିଆଇଜି ନୀତିଶେଖର କହିଛନ୍ତି । ଭାରତ ସରକାରଙ୍କ ଲକ୍ଷ୍ୟ ଅନୁଯାୟୀ ଆସନ୍ତା ମାର୍ଚ୍ଚମାସ ସୁଦ୍ଧା ମାଓମୁକ୍ତ ଓଡ଼ିଶା ଅଭିଯାନ ସମ୍ପୂର୍ଣ୍ଣ ସଫଳ ହେବ । ଜିଲ୍ଲାରେ ସର୍ଚ୍ଚ ଅପରେସନକୁ ଜୋର୍‌ଦାର କରାଯାଇଛି ବୋଲି ଶ୍ରୀ ଶେଖର କହିଛନ୍ତି ।

# ପରିଚାଳନା ପରିଷଦ ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ୩୮ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରଠାରେ ଆୟୋଜିତ ବୈଠକରେ ପ୍ରାକୃତିକ ଦୁର୍ବିପାକର ମୁକାବିଲା, ପ୍ରସ୍ତୁତି ଏବଂ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

# ଜଳଅର୍ପଣ ଦିବସ

ନୟାଗଡ ଜିଲ୍ଲା ରଣପୁର ବ୍ଲକର ହଂସରା ଗ୍ରାମ ପଞ୍ଚାୟତରେ ହର୍ ଘର୍ ଜଲ୍ ଓ ଜଳଜୀବନ ମିଶନ ଆନୁକୂଲ୍ୟରେ ଜଳ ସଂଚୟ ଓ ସୁରକ୍ଷା ସନ୍ଦେଶ ପ୍ରସାର ପାଇଁ ଜଳଅର୍ପଣ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଜଳର ଉପଯୋଗ ଉପରେ

ଆଲୋକପାତ କରି ଦୈନନ୍ଦିନ ଜୀବନରେ ଜଳସଂଚୟ ଅଭ୍ୟାସ କରିବା ସହ ଆଗାମୀ ପିଢ଼ୀ ପାଇଁ ଜଳସୁରକ୍ଷା ସୁନିଶ୍ଚିତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ରେଳଲାଇନ୍-ପ୍ୟାସେଜ୍ ବ୍ୟବସ୍ଥା

ନବରଙ୍ଗପୁର-ଜୟପୁର ରେଳଲାଇନ୍ ଦେଇ ଅତିରିକ୍ତ ପ୍ୟାସେଜ୍ ବ୍ୟବସ୍ଥା କରିବା ନେଇ ସାଂସଦ ବଳଭଦ୍ର ମାଝୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିଛନ୍ତି । ରେଳ ଅଧିକାରୀମାନେ ଏନ୍ଏଚ୍ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ପ୍ରକଳ୍ପ ଯୋଜନାର ପୁନଃ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଉ ବୋଲି ଶ୍ରୀ ମାଝୀ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ଶିଶୁ ସୁରକ୍ଷା ସମନ୍ୱୟ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ସମନ୍ୱୟ ଓ ସହଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିଶୁ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ, ହେଲ୍ପ ଲାଇନ୍ ସେବା, ବିଭିନ୍ନ ବିଭାଗର କାର୍ଯ୍ୟ, ଆଗାମୀ ଦିନର କାର୍ଯ୍ୟ ପରିକଳ୍ପନା ଏବଂ ଶିଶୁ ସୁରକ୍ଷା ସମୟରେ ଆସୁଥିବା ସମସ୍ୟାଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ।

ଭଦ୍ରକ ଜିଲ୍ଲା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଶିଶୁସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁମାନଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା ।

## ରାଷ୍ଟ୍ରୀୟ ପେନ୍ସନ ଯୋଜନା

ଦେବଗଡ ଜିଲ୍ଲା କୋଷାଗାର ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନ୍ସନ ଯୋଜନା ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ପେନ୍ସନ ଯୋଜନାର ପଙ୍କଜ କୁମାର ମହନ୍ତ ଯୋଜନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ରାୟଗଡା ଜିଲ୍ଲାରେ ରାଷ୍ଟ୍ରୀୟ ପେନ୍ସନ ଯୋଜନା ସମ୍ପର୍କିତ ସଚେତନତା ଏବଂ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ତୋଷାଳି ମେଳା

ଭୁବନେଶ୍ୱର ଜନତା ମଇଦାନଠାରେ ଆସନ୍ତା ଶନିବାରଠାରୁ ତୋଷାଳି ସ୍ୱଦେଶୀ ମେଳା ଆରମ୍ଭ ହେବ । ସ୍ୱଦେଶୀ ଓ ଆତ୍ମନିର୍ଭର ଭାରତ ଆଧାରିତ ମେଳାରେ ୯୦୫ଟି ଷ୍ଟଲ ବ୍ୟବସ୍ଥା କରାଯାଇଛି । ଏଥିରେ ୨୦ଟି ରାଜ୍ୟର କାରିଗର ଓ ବୁଣାକାରମାନେ ଅଂଶଗ୍ରହଣ କରିବେ ।

# ଇ-ପାଠାଗାର

କନ୍ଧମାଳ ଜିଲ୍ଲାର ଇ-ପାଠାଗାରର ଅଷ୍ଟମ ବାର୍ଷିକ ଉତ୍ସବ ଫୁଲବାଣୀଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଫୁଲବାଣୀ ସହରରେ ପରୀକ୍ଷାମୂଳକ ଭାବେ ଏହି ଇ-ପାଠାଗାର ସ୍ଥାପନା କରାଯାଇଥିଲା ।

# ମଣ୍ଡେଇ ଯାତ୍ରା

ନବରଙ୍ଗପୁର ଜିଲ୍ଲାର ଘୋଡାଖୁଣ୍ଟାରେ ଆଦିବାସୀଙ୍କ ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜି ବାସି ମଣ୍ଡେଇ ଯାତ୍ରା ଦେଖିବା ପାଇଁ ଲୋକଙ୍କ ଭିଡ଼ ଲାଗିରହିଛି ।

# ହକି

ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆୟୋଜିତ ଏଫ୍ଆଇଏଚ୍ ପୁରୁଷ ପ୍ରୋ ହକି ଲିଗ୍‌ରେ ଗତକାଲି ଭାରତ ପ୍ରଥମ ମ୍ୟାଚ୍‌ରେ ବେଲ୍‌ଜିୟମ ଠାରୁ ୧-୩ ଗୋଲ୍‌ରେ ପରାସ୍ତ ହୋଇଛି । ଆଜି ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଖେଳାଯିବ ।